## **ହସ୍ତତନ୍ତର ବିକାଶ ଓ ବୁଣାକାର ଭାଇ ଓ ଭଉଣୀମାନଙ୍କର ଆୟ ବୃଦ୍ଧି**[1]

"ରୋଟି, କପଡା, ମକାନ" ( ଖାଦ୍ୟ, ବସ୍ତ୍ର , ବାସଗୃହ) ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା। ବୁଣାକାରମାନେ ଯୁଗଯୁଗ ଧରି ହାତତନ୍ତରେ ଲୁଗା ବୁଣି ଓ ଲୁଗା ଯୋଗାଇ, ସଭ୍ୟ ସମାଜର ଲଜ୍ଜ୍ୟା ନିବାରଣ କରି ଆସୁଛନ୍ତି।

ବିଂଶ ଶତାବ୍ଦୀରେ କଳତନ୍ତରେ ଲୁଗା ବୁଣିବା ଆରମ୍ଭ ହେଲା। ସାଧାରଣ ଲୋକଙ୍କ ପାଇଁ ଲୁଙ୍ଗି, ଗାମୁଛା, ଶାଢ଼ୀ, ଧୋତି ଆଦି ଲୁଗା କଳତନ୍ତରେ, ଅପେକ୍ଷାକୃତ କମ ଦାମରେ ବୁଣା ହେଲା। ଏହା ଫଳରେ ହସ୍ତତନ୍ତ ବସ୍ତ୍ରର ବଜାର ସଙ୍କୁଚିତ ହୋଇଗଲା ଏବଂ ହସ୍ତତନ୍ତରେ ବୁଣା ଲୁଗା ବଜାରରେ ବିକ୍ରିରେ ଅସୁବିଧା ହେଲା, ଫଳରେ ବୁଣାକାରମାନଙ୍କର ଆୟ କମିଗଲା।

ଏହିପରି ପରିସ୍ଥିତିରେ ବୁଣାକାର ଭାଇ ଓ ଭଉଣୀମାନେ ଜାଣିବା ଉଚିତ୍ ଯେ ଏବେ ମଧ୍ୟ **ହସ୍ତତନ୍ତ ବସ୍ତ୍ରର ଏକ ସ୍ୱତନ୍ତ୍ର ଚାହିଦା** ରହିଅଛି। **ଅଧିକ ଆୟବର୍ଗର ଲୋକ, ଯେଉଁମାନେ ହାତ ତିଆରି ଜିନିଷର ବିଶେଷତ୍ୱ ଉପଲବ୍ଧି କରନ୍ତି ଏବଂ ଏଥିପାଇଁ ଅଧିକ ଦାମ ଦେବାକୁ ତାଙ୍କ ପାଖରେ ଧନ ରାଶି ରହିଛି**, ସେହିପରି **ଗ୍ରାହକମାନଙ୍କ ଉପରେ ହସ୍ତ ତନ୍ତର ଭବିଷ୍ୟତ** ନିର୍ଭର କରେ।

ଏହା ବୁଣାକାର ମାନଙ୍କ ପାଇଁ ଖୁସିର ବିଷୟ।

ବୁଣାକାରମାନେ ଏହା ବୁଝିବା ଉଚିତ୍ ଯେ, "**ସେମାନେ ଯାହା ବୁଣୁଛନ୍ତି, ଗ୍ରାହକ ତାହା କିଣିବ", ଏହା ଆଶା କରିବା ଅନୁଚିତ୍। ଏହିପରି ଗ୍ରାହକମାନଙ୍କ ପାଇଁ ତ୍ରୁଟି ବିହୀନ, ନୂଆ ରଙ୍ଗ, ନୂଆ ଡିଜାଇନ୍ ଓ ନୂଆ ପ୍ରକାରର ଲୁଗା ବୁଣିବାକୁ ହେବ।**

ବିବାହ ବ୍ରତ ଆଦି ପର୍ବ ପର୍ବାଣୀରେ ପିନ୍ଧୁଥିବା ଗାଢ଼ ରଙ୍ଗ ଓ ବେଶି ଡିଜାଇନ୍ ଶାଢ଼ୀ ସହିତ; **ହାଲୁକା ରଙ୍ଗ ଓ କମ ଡିଜାଇନ୍ ର ଲୁଗା ବୁଣିଲେ**, ଏହା **ସବୁଦିନ ପିନ୍ଧି ଅଫିସ , ବ୍ୟାଙ୍କ୍, କଲେଜ ଆଦି ଯାଇ** ପାରିବେ। ସେହି ପରି **ଶାଢ଼ୀ ପରିବର୍ତ୍ତେ ଲୁଗାର ଥାନ ବୁଣିଲେ, ସାଲୱାର୍, କମିଜ ପରି ଡ୍ରେସ୍ ପିନ୍ଧୁଥିବା ମା, ମାଉସୀ, ଝିଅ, ବୋହୁ ମାନେ ତାହା ସବୁଦିନ ବ୍ୟବହାର କରି ପାରିବେ।**

ଉତ୍ପାଦକ ବୁଣାକାରମାନେ, **ଗ୍ରାହକର ଆବଶ୍ୟକତା ଅନୁସାରେ ଉତ୍ପାଦନ ଲୁଗା ବଦଳାଇ ନୂଆ ପ୍ରକାରର ଲୁଗା ବୁଣିବା ନିଜର ବା ଆବଶ୍ୟକ।**

**ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉଷ୍ଣିକରଣ ଫଳରେ ଆମ ରାଜ୍ୟ ତଥା ଦେଶରେ ସରୁ କପା ସୂତାରେ, ହସ୍ତତନ୍ତରେ ବୁଣାଲୁଗାର ଏକ ବିଶେଷ ଆକର୍ଷଣ ରହିଛି ।** ଏହିପରି **ସରୁ କପା ଲୁଗାର ଚାହିଦା ଆଗାମୀ ଦିନରେ ବଢ଼ିବ**, ଯାହା ବୁଣାକାର ମାନଙ୍କପାଇଁ ଏକ ବିଶେଷ ସୁଯୋଗ ।

ପୁରୁଣା କଟକ ଜିଲ୍ଲାର ନୂଆପାଟଣା-ମାଣିଆବନ୍ଧ ହସ୍ତତନ୍ତ କ୍ଲଷ୍ଟର ସହ, **ଜଗତସିଂହପୁର ଅଞ୍ଚଳର ହାତବୁଣା ଲୁଗାର ଏକ ବିଶେଷ ଆକର୍ଷଣ** ଓ ସୁନାମ ଥିଲା। ଏହି ଅଞ୍ଚଳର ବୁଣାକାରମାନେ ବୁ**ଣୁଥିବା ସରୁକପା ସୂତାରେ ହାଲୁକା ରଙ୍ଗ ଓ ଅଳ୍ପ ଡିଜାଇନ୍ ର ହାତବୁଣା ଶାଢ଼ୀର କଲିକତା ବଜାରରେ ଏକ ବେଶ ଚାହିଦା** ଥିଲା।

ଗତ ନବେ ଦଶକରେ, ଏହି ଅଞ୍ଚଳର ହଜାର ହଜାର ବୁଣାକାରମାନେ ହସ୍ତତନ୍ତରେ ଲୁଗାବୁଣି ଭଲ ଆୟ କରୁଥିଲେ। ଗାଁ ଗହଳରେ ଥିବା ପ୍ରାଥମିକ ବୁଣାକାର ସମବାୟ ସମିତି ମାଧମରେ ସେମାନେ ବୁଣିବା ପାଇଁ ସୂତା ଓ ସାମଗ୍ରୀ ଏବଂ ବୁଣିଥିବା ଲୁଗା ବିକ୍ରି କରିଥିଲେ।

**୧୯୯୯ ଅକ୍ଟୋବର ମାସର "ଫନି" ମହାବାତ୍ୟା, ଏହି ଅଞ୍ଚଳର ହସ୍ତତନ୍ତ ଶିଳ୍ପର ମୂଳଦୁଆକୁ** ଦୋହଲାଇ ଦେଇଥିଲା। ବାତ୍ୟା ଫଳରେ ତନ୍ତ, ସୂତା ଓ ସାମଗ୍ରୀ ଏବଂ ତନ୍ତଶାଳା ବିପର୍ଯ୍ୟସ୍ତ ହୋଇ ପଡ଼ିଲା। କ୍ଷୟକ୍ଷତି ବାବଦରେ ସହାୟତାର ସ୍ୱଳ୍ପତା ଓ ମିଳିବାରେ ବିଳମ୍ବିତା ଫଳରେ, ହାତବୁଣା ଲୁଗା ଶିଳ୍ପ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା।

ପରବର୍ତ୍ତୀ ସମୟରେ, ଏହାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଅଛି।

**ଏବେ ଏହି ଅଞ୍ଚଳରେ ମହିଳା ବୁଣାକାରମାନେ କମ ଡିଜାଇନ୍ ଓ କମ ଦାମର ଲୁଗା ବୁଣୁଛନ୍ତି। ଫଳରେ ସେମାନଙ୍କର ଲୁଗା ବୁଣାରୁ ଆୟ ବହୁତ କମ ରହିଛି।** ହସ୍ତତନ୍ତ ବସ୍ତ୍ରର ବଜାରରେ ଥିବା ଚାହିଦା ଅନୁସାରେ, **ସାମାନ୍ୟ ପରିବର୍ତ୍ତନ କରି ଲୁଗା ବୁଣିଲେ, ଏହି ମହିଳା ବୁଣାକାରମାନେ ଅତି ସହଜରେ ନିଜ ଘରେ କାମକରି ମାସକୁ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିବେ। ଅଧିକ ପ୍ରଶିକ୍ଷଣ ନେଇ ନୂଆ ଡିଜାଇନ୍ ଓ ରଙ୍ଗର ନୂଆ ପ୍ରକାରର ଲୁଗା ବୁଣିଲେ ସେମାନଙ୍କର ଆୟ ଆହୁରି ବୃଦ୍ଧି ପାଇବ।**

ସେହି ମହିଳା ବୁଣାକାରମାନଙ୍କୁ ବଜାରରେ ହାତବୁଣା ଲୁଗାର ଚାହିଦା ବିଷୟରେ ଅବଗତ କରାଇ, ସେମାନଙ୍କୁ ସେହିପରି ଲୁଗା ବୁଣିବା ପାଇଁ ପ୍ରଶିକ୍ଷଣ ତଥା ସାଜ ସରଞ୍ଜାମ ଯୋଗାଇ ଦେବା ପାଇଁ **"ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ"** ଏକ କାର୍ଯକ୍ରମ ହାତକୁ ନେଇଅଛି। ଏହାର ସଫଳ ରୂପାୟନ ପାଇଁ, ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗୀତା କରିବା ପାଇଁ ସଂପୃକ୍ତ ବୁଣାକାର ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ଅନୁରୋଧ ।

[1] ରଚନା: ଶ୍ରୀ ସଞ୍ଜୟ କୁମାର ପଣ୍ଡା, ସଭାପତି, ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ

# "ଶ୍ରଦ୍ଧା" ସ୍ୱେଚ୍ଛାସେବୀ ଅନୁଷ୍ଠାନ

Society for Development of Human Resources Through Handloom and allied activities

(SHRADDHA)

Regd. No : 19575/7 of 1994-95, Email : shraddhahandloom94@gmail.com,

Regd. Office : Sidheswar Sahi, Cuttack, Orissa- 753008,

**ଓଡ଼ିଶାର ହସ୍ତତନ୍ତ ବୁଣାକାର ମାନଙ୍କର ଆର୍ଥିକ ତଥା ସାମଗ୍ରିକ ବିକାଶ ପାଇଁ ଚେଷ୍ଟିତ ଏକ ପ୍ରତିଷ୍ଠାନ**

## ଆମର ଲକ୍ଷ୍ୟ

**ବୁଣାକାର ମାନଙ୍କର** ହାରାହାରି ମାସିକ **ଆୟ** 5,000 ଟଙ୍କାରୁ, ପ୍ରଥମ ପର୍ଯ୍ୟାୟରେ 7,000 ଟଙ୍କାକୁ ଏବଂ ପର୍ଯ୍ୟାୟ କ୍ରମେ 10, 000 ଟଙ୍କାକୁ **ବୃଦ୍ଧି କରିବା ।**

## ଆମର କାର୍ଯ୍ୟକ୍ରମ

୧.ବୁଣାକାର ମାନଙ୍କୁ ନିଜର ଦକ୍ଷତା, କର୍ମ ନିପୁଣତା ଉପରେ ଭିତ୍ତି କରି **ଆତ୍ମବିଶ୍ୱାସ ଓ ମନୋବଳ ବଢ଼ାଇବା** ପାଇଁ ଉତ୍ସାହିତ କରିବା।

୨.ନିଜର ଅନ୍ତର୍ନିହିତ ଶକ୍ତି ଉପରେ ଆଧାର କରି **ହସ୍ତତନ୍ତ୍ର ବସ୍ତ୍ରକୁ, ଏହି ବିଷୟରେ ରୁଚିଥିବା ଏବଂ ଉଚ୍ଚକ୍ରୟ କ୍ଷମତା ଥିବା ଗ୍ରାହକ** ମାନଙ୍କପାଇଁ ଉତ୍ପାଦନ ଓ ବିକ୍ରି କରିବା।

୩. ମୋବାଇଲ୍ ଫୋନ୍ ବ୍ୟବହାର କରି **ସାମାଜିକ ଗଣମାଧ୍ୟମ** ଯଥା Facebook, whatsapp ମାଧ୍ୟମରେ, ଉପର ଲିଖିତ

**ଗ୍ରାହକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ପାଇଁ ବୁଣାକାର ମାନଙ୍କର ହାତଧରି ସାହଯ୍ୟ କରିବା ।**

୪. **ଉଚ୍ଚମାନ, ନୂଆ ରଙ୍ଗ, ନୂଆ ଡିଜାଇନ୍ ଓ ନୂଆ କିସମର, ତୃଟିହିନ, ବେଶୀ ଦାମର ଲୁଗା ବୁଣିବା** ପାଇଁ ପ୍ରଶିକ୍ଷଣ, ସୂତା, ରଙ୍ଗ ଆଦି ସୁଲଭ ମୂଲ୍ୟରେ ଯୋଗାଇବା ।

୫.କେନ୍ଦ୍ର ଏବଂ ରାଜ୍ୟ **ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନାରେ ସାହାଯ୍ୟ ପାଇବା ପାଇଁ ବୁଣାକାର ମାନଙ୍କୁ ସାହାଯ୍ୟ** କରିବା।

## ପୃଷ୍ଠଭୂମି

**ଶ୍ରୀ ସଞ୍ଜୟ କୁମାର ପଣ୍ଡା, (ଆଇ ଏ ଏସ)** ଅବସର ପ୍ରାପ୍ତ ଓଡ଼ିଶା ରାଜ୍ୟ ଟସର ଓ ରେଶମ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ବୟନ ଶିଳ୍ପ ନିର୍ଦ୍ଦେଶକ ଭାବରେ ସୁଦୀର୍ଘ ପାଞ୍ଚ ବର୍ଷ (୧୯୮୯-୯୪) କାମ କରିବା ସମୟର ହସ୍ତତନ୍ତ୍ର ଓ ବୁଣାକାର ମାନଙ୍କର ସମସ୍ୟା ଉପରେ ନିଜର ଅନୁଭୂତି ଉପରେ ଆଧାରକରି, ୧୯୯୪ ଏପ୍ରିଲ ମାସରେ **"ଶ୍ରଦ୍ଧା" ସ୍ୱେଚ୍ଛାସେବୀ ଅନୁଷ୍ଠାନ** ଗଠନ କରିଥିଲେ । ପରବର୍ତ୍ତୀ ସମୟରେ ସେ କେନ୍ଦ୍ର ସରକାରଙ୍କ ବସ୍ତ୍ର ସଚିବ ଭାବରେ (୨୦୧୪-୧୫), ଏହି ବିଷୟରେ କାମ କରିଥିଲେ। ଅବସର ଗ୍ରହଣ ପରେ, ସମାଜକୁ କିଛି ଦେବା ଉଦ୍ଦେଶ୍ୟରେ, ୨୦୧୮ ବର୍ଷ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁନଃବିନ୍ୟାସ ହୁଏ।


ଏହି ଅନୁଷ୍ଠାନର ମହତ୍ ଉଦ୍ଦେଶ୍ୟରେ ଆକୃଷ୍ଟ ହୋଇ, ସମାଜରେ **ଅନେକ ଉଚ୍ଚ ପ୍ରତିଷ୍ଠିତ ବୁଦ୍ଧିଜୀବି, ଓ ବରିଷ୍ଠ ନାଗରିକ** ଯୋଗଦାନ କରିଛନ୍ତି। ବୁଣାକାର ସେବା କେନ୍ଦ୍ରର ଅବସର ପ୍ରାପ୍ତ ନିର୍ଦ୍ଦେଶକ, **ଶ୍ରୀ ବିଜନ ବିହାରୀ ପାଲ**, ତଥା ଅବସର ପ୍ରାପ୍ତ ଉପ-ନିର୍ଦ୍ଦେଶକ, **ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର** ଓ ଜାତୀୟ ହସ୍ତତନ୍ତ୍ର ଉନ୍ନୟନ ନିଗମ (NHDC) ରେ କାର୍ଯ୍ୟରତ ଅବସର ପ୍ରାପ୍ତ **ଶ୍ରୀ ବାଣୀ ରଞ୍ଜନ ଦାସଙ୍କ** ଯୋଗଦାନ ବୈଷୟିକ ଜ୍ଞାନ ସହ ଅନୁଷ୍ଠାନଟିକୁ ଅଧିକ ଶକ୍ତିଶାଳୀ ଓ ବୁଣାକାର ଅଭିମୁଖୀ କରିଅଛି।

ଏହି ଅନୁଷ୍ଠାନ ଆଠଗଡର ନୁଆପଟନା ଅଞ୍ଚଳରେ କାମ ଆରମ୍ଭ କରିଛି । ପରବର୍ତ୍ତୀ ସମୟରେ, ରାଜ୍ୟର ଅନ୍ୟ ଅଞ୍ଚଳରେ କାମ କରିବାର ପରିକଳ୍ପନା ରହିଛି ।

ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନର **ମୁଖ୍ୟ ଅଫିସ** ସିଦ୍ଧେଶ୍ୱର ସାହି, କଟକ ଏବଂ ନୂଆପାଟଣା ଆଠଗଡରେ ଏକ **ଶାଖା ଅଫିସ** ରହିଛି। ଅନୁଷ୍ଠାନ ବିଷୟରେ ବିସ୍ତାରିତ ତଥ୍ୟ **sraha.org ୱେବସାଇଟ**ରେ ଦିଆଯାଇଛି। **ଯୋଗାଯୋଗ ଇମେଲ** shraddhahandloom94@gmail.com



**Running yardage (than) for Shirting**



**Design for cotton sarees developed by WCS, Bhubaneswar**